# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 20th May - 2025

### News Editor : Tapan Kumar Moharana

********************************

## ମୁଖ୍ୟ ସମ୍ବାଦ

- ଆସନ୍ତା ୨ ଦିନ ମଧ୍ୟରେ ଯୁକ୍ତଦୁଇ ପରୀକ୍ଷା ଫଳ ପ୍ରକାଶ ପାଇବା ନେଇ ଗଣଶିକ୍ଷାମନ୍ତ୍ରୀଙ୍କ ସୂଚନା
- ଦେଶର ଅର୍ଥବ୍ୟବସ୍ଥାରେ ସମ୍ବଲପୁରର ଯୋଗଦାନ ରହିଛି; କହିଲେ ନୀତି ଆୟୋଗର ପୂର୍ବତନ ସିଇଓ ଅମିତାଭ କାନ୍ତ
- ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ ବାଘଗଣନା ଆରମ୍ଭ

ଏବଂ

- ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆସନ୍ତା ୫ ଦିନ ମଧ୍ୟରେ  କେରଳ ତଟ ଛୁଇଁବା ନେଇ ପାଣିପାଗ ବିଭାଗର ସୂଚନା

## ପରୀକ୍ଷାଫଳ ପ୍ରକାଶ

ଯୁକ୍ତ ଦୁଇ ପରୀକ୍ଷା ଫଳ ଆସନ୍ତା ୨ ଦିନ ମଧ୍ୟରେ ପ୍ରକାଶ ପାଇବ ବୋଲି ସ୍କୁଲ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି।

ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ କେତେକ ସ୍ଥାନରେ ପରୀକ୍ଷା ଖାତା ମୂଲ୍ୟାଙ୍କନ ବାଧାପ୍ରାପ୍ତ ହେବା ଯୋଗୁଁ ଫଳ ପ୍ରକାଶ ପାଇବାରେ ସାମାନ୍ୟ ବିଳମ୍ବ ହୋଇଛି ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି....

**-V/O-***(Nityananda Ganda)*

ଅନ୍ୟପକ୍ଷରେ, ଯୁକ୍ତ ତିନି ନାମଲେଖା ପାଇଁ ଆବେଦନ ଅବଧି ବୃଦ୍ଧି କରିବାକୁ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ଗଣଶିକ୍ଷାମନ୍ତ୍ରୀ ଆଲୋଚନା କରିଛନ୍ତି। ସମୟସୀମା ବୃଦ୍ଧି କରାଯିବା ନେଇ ଉଚ୍ଚଶିକ୍ଷାମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି। ସୂଚନାଯୋଗ୍ୟ, ଆଜି ଯୁକ୍ତ ତିନି ନାମଲେଖା ଆବେଦନର ଶେଷ ତାରିଖ।

## ଜି-ଟ୍ୱେଣ୍ଟି-ସମ୍ବଲପୁର ଗସ୍ତ

ଜି-୨୦ ସେରପା ତଥା ନୀତି ଆୟୋଗର ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତାଭ କାନ୍ତ ଦୁଇଦିନିଆ ସମ୍ବଲପୁର ଗସ୍ତରେ ଆସି ଜିଲ୍ଲାର ବିକାଶମୂଳକ କାର୍ଯ୍ୟଗୁଡ଼ିକର ସମୀକ୍ଷା କରିଛନ୍ତି। ଶିକ୍ଷା, ବ୍ୟବସାୟ, ଅର୍ଥନୀତି ପର୍ଯ୍ୟଟନରେ ସମ୍ବଲପୁରର ବିକାଶକୁ ନେଇ ଜିଲ୍ଲାପାଳ ଓ ମହାନଗର ନିଗମ କମିଶନରଙ୍କ ସହ ଆଲୋଚନା କରିଛନ୍ତି। ମିଳିଥିବା

ସୂଚନା ଅନୁସାରେ, ସମ୍ବଲପୁର ବିକାଶକୁ ନେଇ ରୂପରେଖ ପ୍ରସ୍ତୁତ ହୋଇଛି। ଦେଶର ବିକାଶରେ ସମ୍ବଲପୁର ଜିଲ୍ଲାର ଭାଗୀଦାରି ରହିବ ବୋଲି ଅମିତାଭ କାନ୍ତ କହିଛନ୍ତି।

ଆଇ.ଆଇ.ଏମ୍. ସମ୍ବଲପୁରର ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ କାନ୍ତ ଛାତ୍ରଛାତ୍ରୀ ଏବଂ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ସହିତ ଆଲୋଚନା ସମୟରେ ଆଇଆଇଏମ୍ ଓ ଆଇଆଇଟିର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଛନ୍ତି। ବିକଶିତ ଭାରତ ଗଠନ ଦିଗରେ ଦେଶର ଆର୍ଥିକ ସ୍ଥିତି ୪ ଟ୍ରିଲିୟନ୍ ଡଲାରରୁ ୩୦ ଟ୍ରିଲିୟନ୍‌ର ଡଲାର, ଜିଡିପି ୯ ଗୁଣା ବୃଦ୍ଧି, ଏବଂ ମୁଣ୍ଡପିଛା ଆୟ ୮ ଗୁଣ ସହିତ ଉତ୍ପାଦନ ୧୬ ଗୁଣ ବୃଦ୍ଧି କରିବାର ଆବଶ୍ୟକତା ରହିଛି ବୋଲି ଶ୍ରୀ କାନ୍ତ କହିଛନ୍ତି। ଦେଶର ଅର୍ଥ ବ୍ୟବସ୍ଥାରେ ସମ୍ବଲପୁର ଯୋଗଦାନକୁ ଉପଲବ୍ଧି କରି ଅମିତାଭ କାନ୍ତ କହିଛନ୍ତି.....

**-V/O-***(Amitabh Kaant)*

## ଭିତ୍ତିପ୍ରସ୍ତର ସ୍ଥାପନ

କେନ୍ଦୁଝର ସାଂସଦ ଅନନ୍ତ ନାୟକ ଆଜି ହରିଚନ୍ଦନପୁର ବ୍ଲକ୍ ପିଠାଗୋଳା ପଞ୍ଚାୟତ ନନ୍ଦରାଠାରେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ସାପୁଆ ଡ୍ୟାମ୍‌ର ନୂତନ କେନାଲର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ତେଲକୋଇର ବିଧାୟକ ଫକୀର ମୋହନ, ସାଂସଦ ପ୍ରତିନିଧି, ବିଭାଗୀୟ ଅଧିକାରୀ, ସ୍ଥାନୀୟ ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ।

## କରୋନା ସତର୍କତା

ଦେଶରେ କୋଭିଡ୍ ମୃତ୍ୟୁ ସାମ୍ନାକୁ ଆସିବା ପରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର ଜନସାଧାରଣଙ୍କୁ ସତର୍କ କରାଇଛନ୍ତି।  କିଡ୍‌ନୀ ରୋଗରେ ଆକ୍ରାନ୍ତ ଥିଲେ ମାସ୍କ ପିନ୍ଧିବାକୁ ପରାମର୍ଶ ଦେଇଛନ୍ତି। ବର୍ତ୍ତମାନ ଦେଖାଦେଇଥିବା କୋଭିଡ୍ ଓମିକ୍ରନ୍‌ର ସବ୍ ଭାରିଆଣ୍ଟରେ କୋଭିଡ୍ ଭୂତାଣୁର ସାମାନ୍ୟ ଲକ୍ଷଣ ରହୁଛି। ବର୍ତ୍ତମାନସୁଦ୍ଧା କେନ୍ଦ୍ର ସରକାରଙ୍କ ପକ୍ଷରୁ ଏ ସମ୍ପର୍କିତ କୌଣସି ମାର୍ଗଦର୍ଶିକା ଜାରି କରାଯାଇ ନାହିଁ ବୋଲି ଶ୍ରୀ ମିଶ୍ର କହିଛନ୍ତି।

## ବାଘ ଗଣନା

**ନୟାଗଡ଼** ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅଧୀନସ୍ଥ ୪ଟି ବନାଞ୍ଚଳର ୩୬ଟି ବିଟ୍‌ହାଉସ୍‌ରେ ବାଘ ଗଣନା ଆରମ୍ଭ ହୋଇଛି। ଜଙ୍ଗଲର ବିଭିନ୍ନ ସ୍ଥାନରେ ଟ୍ରାପ୍ କ୍ୟାମେରା ଲଗାଯିବା ସହିତ ବ୍ୟାଘ୍ର ଗଣନା କାର୍ଯ୍ୟରେ ସ୍ୱତନ୍ତ୍ର ଦଳ ନିୟୋଜିତ ହୋଇଛନ୍ତି। ଏହି ଗଣନା ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ମାଂସାଶୀ ପ୍ରାଣୀଙ୍କ ଗଣନାକାର୍ଯ୍ୟ ଆସନ୍ତାକାଲି ପର୍ଯ୍ୟନ୍ତ ଚାଲିବ। ୨୨ ତାରିଖଠାରୁ ୨୪ ତାରିଖ ପର୍ଯ୍ୟନ୍ତ ତୃଣଭୋଜୀ ପ୍ରାଣୀଙ୍କ ଗଣନା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ପ୍ରଥମ ତିନି ଦିନ ଗଣନା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିଛି। ଏଥିରେ ମାଂସାଶୀ ପ୍ରାଣୀଙ୍କ ମଳ, ପାଦଚିହ୍ନ ଓ ରାମ୍ପୁଡ଼ା ଚିହ୍ନ ଉପରେ

ନିରୀକ୍ଷଣ କରାଯାଉଛି । ମୌସୁମୀ ପୂର୍ବ ଏବଂ ମୌସୁମୀ ପରବର୍ତ୍ତୀ ସମୟରେ ଏହାର ଗଣନା କରାଯାଉଥିବା ଜଣାପଡିଛି ।

## ବସୁନ୍ଧରା ଯୋଜନା

ରାଜ୍ୟର ଭୂମିହୀନ ବା ନିଜସ୍ୱ ଘର ନିର୍ମାଣ କରିବା ପାଇଁ ଘରପଟ୍ଟା ନଥିଲେ ସେମାନଙ୍କୁ ବସୁନ୍ଧରା ଯୋଜନାରେ ୪ ଡିସିମିଲ୍ ପଟ୍ଟା ଜମି ଯୋଗାଇ ଦିଆଯିବ ବୋଲି ସରକାର ନିଷ୍ପତ୍ତି ନେଇଛନ୍ତି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ଏହି ଯୋଜନାରେ ଯେଉଁ ଲୋକଙ୍କ ପାଖରେ ୪ ଡିସ୍‌ମିଲ୍‌ରୁ କମ୍ ଜମି ରହିଛି, ସେମାନଙ୍କୁ ମଧ୍ୟ ଭୂମିହୀନ ଭାବେ ଗ୍ରହଣ କରାଯିବ ଏବଂ ପରବର୍ତ୍ତୀ ସମୟରେ ସେମାନଙ୍କୁ ୪ ଡିସ୍‌ମିଲ୍ ଜମି ପ୍ରଦାନ କରାଯିବ । ଏହି ବର୍ଗର ଲୋକଙ୍କୁ ଚିହ୍ନଟ କରିବା ପାଇଁ ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ।

# ପିଏମ୍- ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୫ ତାରିଖରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶ ଏବଂ ବିଦେଶରେ ଥିବା ଭାରତୀୟଙ୍କ ସହ ଭାବବିନିମୟ କରିବେ । ଏହା ହେବ 'ମନ୍ କି ବାତ୍' କାର୍ଯ୍ୟକ୍ରମର ୧୨୨ତମ ସଂସ୍କରଣ । ଇଚ୍ଛୁକ ବ୍ୟକ୍ତିମାନେ ଟୋଲ୍ ଫ୍ରି ନମ୍ବର- ୧୮୦୦-୧୧-୭୮୦୦ ମାଧ୍ୟମରେ ସେମାନଙ୍କର ମତାମତ ଏବଂ ପରାମର୍ଶ

ପଠାଇପାରିବେ। ନରେନ୍ଦ୍ର ମୋଦୀ ଆପ୍ କିମ୍ବା mygov ଓପନ୍ ଫୋରମ୍ ମାଧ୍ୟମରେ ମଧ୍ୟ ଅନଲାଇନ୍‌ରେ ମତାମତ ଉପସ୍ଥାପନ କରାଯାଇପାରିବ । ଏଥିପାଇଁ ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ସମୟସୀମା ଧାର୍ଯ୍ୟ ହୋଇଛି ।

## ଚନ୍ଦନ ଯାତ୍ରା

ଶ୍ରୀକ୍ଷେତରେ ପବିତ୍ର ଅକ୍ଷୟ ତୃତୀୟାଠାରୁ ଆମର୍ଭ ହୋଇଥିବା ବାହାର ଚନ୍ଦନଯାତ୍ରାର ଆଜି ଅନ୍ତିମ ଦିବସରେ ନରେନ୍ଦ୍ର ପୁଷ୍କରିଣୀରେ ଶ୍ରୀଜୀଉଙ୍କ ହଳଦୀ ପାଣି ନୀତି ଅନୁଷ୍ଠିତ ହେବ। ଗତକାଲି ଭଉଁରୀ ତିଥିରେ ଚଳନ୍ତି ପ୍ରତିମାମାନେ ନରେନ୍ଦ୍ର ପୁଷ୍କରିଣୀକୁ ବିଜେ କରିବା ସହ ରାତ୍ରି ଚାପରେ ସରୋବରରେ ୨୧ ଘେରା ଜଳକ୍ରୀଡା କରିଥିଲେ। ଦ୍ୱାଦଶ ଯାତ୍ରା ମଧ୍ୟରୁ ଅନ୍ୟତମ ପ୍ରମୁଖ ଏହି ଯାତ୍ରାରେ ମହାପ୍ରଭୁଙ୍କ ମାନବୀୟ ଲୀଳା କ୍ରମରେ ଆଜି ଅପରାହ୍ଣରେ ଶେଷ ଥର ପାଇଁ ନରେନ୍ଦ୍ର ପୁଷ୍କରିଣୀକୁ ବିଜେ କରିବା ସହ ସ୍ୱତନ୍ତ୍ର ଓ ନିଆରା ହଳଦୀ ପାଣି ନୀତିରେ ସାମିଲ ହେବେ। ଏହି ନୀତି ଦର୍ଶନ ନେଇ ପ୍ରବଳ ଭକ୍ତଙ୍କ ସମାଗମ ହୋଇଛି।

## ଡାଲୁଅ ଧାନ ଚାଷ

**ଭଦ୍ରକ** ଜିଲ୍ଲା ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ପଂଚାୟତରେ ଡାଲୁଅ ଧାନ ଚାଷ ବୃଦ୍ଧି ପାଇଥିବାରୁ ଚାଷୀଙ୍କ ମହଲରେ ଆନନ୍ଦ ପ୍ରକାଶ ପାଇଛି। ଏହି ବ୍ଲକ୍‌ର ୨୩ଟି ପଞ୍ଚାୟତରେ ୫ ହଜାର ହେକ୍ଟରରୁ ଅଧିକ ଚାଷଜମିରେ ରବି ଫସଲ ହେବା ସହ ଡାଲୁଅ ଧାନ ଏବଂ ବିରି, ମୁଗ, ଗେଣ୍ଡୁଫୁଲ, ଗୋଲାପ

ଫୁଲ, ହଳଦୀ  ଆଦି ଚାଷ ହୋଇଥିବାରୁ ଚାଷୀ ଉତ୍ସାହିତ ଥିବା ଜଣାପଡିଛି । ଏଠାରେ ପର୍ଯ୍ୟାପ୍ତ ପରିମାଣରେ ଭିତ୍ତିଭୂମି ରହିଛି । ତେଣୁ ଏଠାରେ ଜଳସେଚନ ସୁବିଧା ଯୋଗାଇଦେବା ଏବଂ ଅଚଳ ଉଠା ଜଳସେଚନ କାର୍ଯ୍ୟକ୍ଷମ କରିବା ପାଇଁ ଚାଷୀମାନେ ଜିଲ୍ଲା କୃଷି ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

## ସ୍ନେହଛାୟା

ଢେଙ୍କାନାଳ ଜିଲ୍ଲା ପିତାମାତାଙ୍କୁ ହରାଇଥିବା ଅନାଥ ଶିଶୁମାନଙ୍କର ଭରଣପୋଷଣ ଓ ଶିକ୍ଷା କ୍ଷେତ୍ରରେ ଉନ୍ନତି ପାଇଁ  ଜିଲ୍ଲା ପ୍ରଶାସନ ପକ୍ଷରୁ **ସ୍ନେହଛାୟା** ଯୋଜନା କାର୍ଯ୍ୟକାରୀ ହେଉଛି । ଯୋଜନାର କାର୍ଯ୍ୟକାରିତାକୁ ନେଇ ଜିଲ୍ଲାପାଳ ସୌମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରୁ ମିଳିଥିବା ସୂଚନା ଅନୁସାରେ, ଅନାଥ ଶିଶୁମାନଙ୍କୁ ଏହି ଯୋଜନା ଅଧୀନରେ ଶିକ୍ଷା ଓ ପୋଷଣ ପ୍ରଦାନ କରାଯିବ । ଜିଲ୍ଲାରେ କେତେଜଣ ଏହି ବର୍ଗର ଅନାଥ ପିଲା ଅଛନ୍ତି ସେମାନଙ୍କ ବିଷୟରେ ତଥ୍ୟ ସଂଗ୍ରହ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

## ୟୁନିକର୍ଣ୍ଣ ସମ୍ମିଳନୀ

ବ୍ରହ୍ମପୁର ମେଡିକାଲ କ୍ୟାମ୍ପସ୍ ହାଇସ୍କୁଲର ୩ ଜଣ ଛାତ୍ର ପି.ଆଦିତ୍ୟ ଦାସ, ସୌରଭ ଗୌଡ ଓ ଶ୍ରୀଧର ଜେନା ପର୍ଯ୍ୟାୟ କ୍ରମେ ଆମେରିକାରେ ହେବାକୁ

ଥିବା ଅର୍ନ୍ତଜାତୀୟ ୟୁନିକର୍ଣ୍ଣ ସମ୍ମିଳନୀରେ ଯୋଗଦେବା ପାଇଁ ମନୋନିତ ହୋଇଛନ୍ତି । ଛାତ୍ରମାନେ ନବମ ଓ ଦଶମ ଶ୍ରେଣୀରେ ପଢୁଛନ୍ତି ।

## ଅପରେସନ ସିନ୍ଦୂର

**ଭଦ୍ରକ** ଜିଲ୍ଲା ଚାନ୍ଦବାଲି ବ୍ଲକ୍ ଖେରଙ୍ଗ ଘଣ୍ଟେଶ୍ୱର ଗୋପିନାଥପୁର ବଜାରପୁର ପ୍ରମୁଖ ପଞ୍ଚାୟତରେ 'ଅପରେସନ ସିନ୍ଦୂର'ର ସଫଳତା ନେଇ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଭିନ୍ନ ବର୍ଗର ଜନସାଧାରଣ ଯୁବଗୋଷ୍ଠୀ, ସାମାଜିକ ସୁରକ୍ଷା କର୍ମୀ, ଜନପ୍ରତିନିଧି ଯୋଗଦେଇ ତ୍ରିରଙ୍ଗା ପତାକା ଧରି ଶୋଭାଯାତ୍ରାରେ ସାମିଲ ହୋଇ ସେନାବାହିନୀମାନଙ୍କ କର୍ତ୍ତବ୍ୟ ଓ ସାହସକୁ ପ୍ରଶଂସା କରି ଭାରତମାତାର ଜୟଗାନ କରିଥିଲେ ।

## ପାଣିପାଗ

ପାଣିପାଗ ବିଭାଗର ସୂଚନା ଅନୁସାରେ, ଆସନ୍ତା ୨୫ ତାରିଖ ବେଳକୁ ମୌସୁମୀ କେରଳ ତଟ ଛୁଇଁବ ବୋଲି ଅନୁମାନ କରାଯାଇଛି । ଚଳିତ ମାସ ୧୩ ତାରିଖ ଦିନ ଦକ୍ଷିଣ-ପଶ୍ଚିମ ମୌସୁମୀ ଆଣ୍ଡାମାନ ସାଗର ଛୁଇଁବା ପରେ ଦକ୍ଷିଣ ବଙ୍ଗୋପ ସାଗର, ଦକ୍ଷିଣ ଆଣ୍ଡାମାନ ସାଗର, ନିକୋବର ଦ୍ୱୀପ ଏବଂ ଉତ୍ତର ଆଣ୍ଡାମାନ ସାଗରର ଅଂଚଳଗୁଡ଼ିକୁ ଅଗ୍ରସର କରିସାରିଛି । ଚଳିତବର୍ଷ ୬ ଦିନ ଆଗରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆଣ୍ଡାମାନ ସାଗର ସ୍ପର୍ଶ କରିଥିଲା ।

ଅନ୍ୟପକ୍ଷରେ, ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ଜିଲ୍ଲାରେ କାଳବୈଶାଖୀର ପ୍ରଭାବରେ ଘଡଘଡ଼ି ସହ ବର୍ଷାର ସମ୍ଭାବନା ରହିଛି । ଆଜି ପୁରୀ, ଖୋର୍ଦ୍ଧା ସମେତ ୧୭ଟି ଜିଲ୍ଲାରେ ଆଜି କାଳବୈଶାଖୀ ପ୍ରଭାବରେ ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ରହିଛି । କାଳବୈଶାଖୀର ପ୍ରଭାବରେ ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇଯାଇଛି । ଝାରସୁଗୁଡ଼ା ଜିଲ୍ଲାର କିରମରାଠାରେ ସର୍ବାଧିକ ୫୫ ଦଶମିକ ୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି ।